## ଦଶମ ଅଧ୍ୟାୟ

# ଆମ ସ୍ୱାଧୀନତା ଆନ୍ଦୋଳନ

କେତେକ ଇଂରେଜ ବଣିକ ୧୬୦୦ ମସିହାରେ ଇଷ୍ଟ ଇଣ୍ଡିଆ ନାମକ ଏକ କମ୍ପାନୀ ପ୍ରତିଷ୍ଠା କରିଥିଲେ । ଆମ ଦେଶକୁ ଆସି ବାଣିଜ୍ୟ ବ୍ୟବସାୟ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେମାନେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ଅନୁମତି ପାଇ ପ୍ରଥମେ ସୁରତ ଠାରେ ବ୍ୟବସାୟ ଆରମ୍ଭ କରିଥିଲେ । କାଳକ୍ରମେ ବମ୍ବେ (ବର୍ତ୍ତମାନର ମୁମ୍ବାଇ), କଲିକତା (ବର୍ତ୍ତମାନର କୋଲ୍‌କତା)ଠାରେ ବାଣିଜ୍ୟ କୋଠିମାନ ସ୍ଥାପନ କଲେ ।

ତଳେ ଭାରତର ରେଖାଙ୍କିତ ମାନଚିତ୍ର ଦିଆଯାଇଅଛି । ସେହି ମାନଚିତ୍ରରେ ଇଂରେଜମାନଙ୍କ ବାଣିଜ୍ୟ କୋଠି କେଉଁଠାରେ ଥିଲା, ତାହା ଦର୍ଶାଅ । ସେହିସବୁ ସ୍ଥାନକୁ ଲାଗି ରହିଥିବା ଜଳଭାଗର ନାମ ଉଲ୍ଲେଖ କର ।



ବାଣିଜ୍ୟ ବ୍ୟବସାୟ କରି ଇଂରେଜମାନେ ଭାରତରୁ ପ୍ରଭୂତ ଧନ ରୋଜଗାର କଲେ । ନିଜ ଦେଶକୁ ଆମ ଦେଶର ଧନରତ୍ନ କିପରି ଲୁଟି ନେଇ ଯିବେ ସେଥିପାଇଁ ଚିନ୍ତା କଲେ । ଦେଖିଲେ, ଆମ ଦେଶରେ ଥିବା ଅଧିକାଂଶ ଲୋକଙ୍କ ମଧରେ ଏକତା ନାହିଁ । ସେମାନଙ୍କୁ ଶାସନ କରୁଥିବା ରାଜା ମହାରାଜାମାନଙ୍କ ମଧ୍ୟରେ ସବୁବେଳେ କଳିକଜିଆ ଲାଗିରହିଛି । କେହି କେହି ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କଲେ । ଏପରି ଅବସ୍ଥା ଇଂରେଜମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା । ସେମାନେ ଏପରି ସୁଯୋଗକୁ ହାତଛଡ଼ା କଲେ ନାହିଁ । କୂଟ କପଟ ନୀତି ଅନୁସରଣ କରି ରାଜାମାନଙ୍କୁ କ୍ରମଶଃ ଦୁର୍ବଳ କରିପକାଇଲେ । କେତେକଙ୍କୁ ମଧ ଯୁଦ୍ଧରେ ହରାଇଲେ । କ୍ରମେ ସେମାନଙ୍କ ଶାସନରେ ହସ୍ତକ୍ଷେପ କରି ସେମାନଙ୍କ ରାଜ୍ୟକୁ ଅଧିକାର କଲେ ଓ ଶାସନ କଲେ । ଅନ୍ୟ ରାଜ୍ୟଗୁଡ଼ିକୁ ଦଖଲ କରି ସମ୍ପୂର୍ଣ୍ଣ ଭାରତକୁ ଶାସନ କରିବାକୁ ଲାଗିଲେ । ଫଳରେ ଆମେ ପରାଧୀନ ହେଲୁ , ସ୍ୱାଧୀନତା ହରାଇଲୁ ।

ଆମ ଦେଶର ଲୋକେ ସରଳବିଶ୍ୱାସୀ ଥିଲେ । ସେମାନେ ପ୍ରଥମେ ଭାବିଥିଲେ ଯେ ଇଂରେଜମାନେ ଆମ ଦେଶରେ ଅଳ୍ପ ଦିନ ପାଇଁ ବାଣିଜ୍ୟ ବ୍ୟବସାୟ କରିବେ ଓ ନିଜ ଦେଶକୁ ଫେରିଯିବେ । ମାତ୍ର ସେପରି ହେଲା ନାହିଁ ସେମାନଙ୍କ କୂଟ କପଟ ନୀତିର କୁପ୍ରଭାବ ଲୋକେ ଭୋଗିଲେ । ସେମାନେ ଲୋକମାନଙ୍କୁ ବେଠି ଖଟାଇଲେ । ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ବିନା କାରଣରେ ବିବାଦ ଲଗାଇଲେ । ଆମ ଦେଶର ଲୋକେ ତିଆରି କରୁଥିବା ଜିନିସପତ୍ର ଉପରେ ଅଧିକ ଟିକସ ବସାଇଲେ । କୃଷକମାନଙ୍କଠାରୁ ଅଧିକ କର ଆଦାୟ କଲେ । ଅନ୍ୟାୟଭାବେ ରାଜା ମହାରାଜାମାନଙ୍କୁ ଗାଦିଚ୍ୟୁତ କରାଇଲେ । ସେମାନଙ୍କ ରାଜ୍ୟକୁ ମଧ୍ୟ ତାଙ୍କ ଶାସନରେ ରଖିଲେ ।


(ସୁରେନ୍ଦ୍ର ସାଏ)

ଇଂରେଜମାନଙ୍କ ଏହିସବୁ କାର୍ଯ୍ୟକଳାପରୁ ଲୋକେ ସେମାନଙ୍କ ଉଦ୍ଦେଶ୍ୟ ବୁଝିପାରିଲେ । ସେମାନଙ୍କ ଅତ୍ୟାଚାରରୁ କିପରି ରକ୍ଷା ପାଇବେ, ସେଥିପାଇଁ ଚିନ୍ତା କଲେ । ଭାରତୀୟ ସୈନ୍ୟବାହିନୀରେ କାମ କରୁଥିବା ସିପାହୀମାନେ ମଧ୍ୟ ଇଂରେଜମାନଙ୍କ ଭେଦଭାବ ନୀତିକୁ ଗ୍ରହଣ କଲେ ନାହିଁ । ୧୮୫୭ ମସିହାରେ ବଙ୍ଗର ବାରାକପୁର ଓ ବରହମ୍ପୁରଠାରେ ପ୍ରଥମେ ସିପାହୀ ବିଦ୍ରୋହର ସୂତ୍ରପାତ ହେଲା । ଏହି ବିଦ୍ରୋହ କ୍ରମଶଃ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଗଲା । ଝାନ୍ସୀ ରାଣୀ ଲକ୍ଷ୍ମୀବାଈ, ତାନ୍ତିଆଟୋପେ ଓ ନାନା ସାହେବ ଏହି ବିଦ୍ରୋହର ନେତୃତ୍ୱ ନେଲେ । ଓଡ଼ିଶାର ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ଝାନ୍ସୀ ଯୁଦ୍ଧରେ ଲଢ଼ିଥିଲେ ।


ଲକ୍ଷ୍ମୀବାଈ

ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ କରିଥିଲେ । ସେ ତାଙ୍କର ଭାଇ ଓ ଅନୁଗତମାନଙ୍କ ସାହାଯ୍ୟରେ ସମ୍ବଲପୁରରେ ଇଂରେଜମାନଙ୍କ ସହିତ ଘମାଘୋଟ ଲଢ଼େଇ କରିଥିଲେ । ଏହା ଫଳରେ ଇଂରେଜମାନଙ୍କ ପ୍ରଭୂତ କ୍ଷତି ହୋଇଥିଲା ଓ ମନୋବଳ ଭାଙ୍ଗିଯାଇଥିଲା । ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ ।


ତାନ୍ତିଆଟୋପି

୧୮୫୭ ମସିହାରେ ଘଟିଥିବା ସିପାହୀ ବିଦ୍ରୋହକୁ ଐତିହାସିକମାନେ କାହିଁକି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହିଥାଆନ୍ତି ? ତାହାର ଯେକୌଣସି ତିନୋଟି କାରଣ ତଳେ ଲେଖ ।

୧. ---------------------------------------------------------------

୨. ---------------------------------------------------------------

୩. ---------------------------------------------------------------

ସିପାହୀ ବିଦ୍ରୋହ ପରେ ଇଂରେଜମାନେ ଅଧିକ ପ୍ରତିଶୋଧ ପରାୟଣ ହୋଇ ଲୋକମାନଙ୍କ ଉପରେ ଅତ୍ୟାଚାର କଲେ । ଏଣୁ ୧୯୧୯ ମସିହା ଏପ୍ରିଲ ମାସ ୧୩ ତାରିଖ ଦିନ ପଞ୍ଜାବର ଅମୃତସର ସହରର ଜାଲିଆନାୱାଲାବାଗଠାରେ ପ୍ରାୟ କୋଡ଼ିଏ ହଜାର ଲୋକଙ୍କର ଏକ ଶାନ୍ତିପୂର୍ଣ୍ଣ ସଭା ହେଉଥିଲା । ସେଥିରେ ଛୋଟ ପିଲା, ବୃଦ୍ଧ ଓ ସ୍ତ୍ରୀଲୋକ ମଧ୍ୟ ଥିଲେ । ହଠାତ୍ ସେହି ସଭାରେ ଇଂରେଜ ଅଫିସର ଜେନେରାଲ ଡାୟର୍ ପହଞ୍ଚି ଇଂରେଜ ସିପାହୀମାନଙ୍କୁ ଲୋକମାନଙ୍କ ଉପରକୁ ଅତର୍କିତ ଗୁଳି ଚଳାଇବାକୁ ଆଦେଶ ଦେଲେ । ଚାହୁଁ ଚାହୁଁ ଗୁଳି ମାଡ଼ରେ ଅଧିକାଂଶ ଲୋକ ସଭା ସ୍ଥଳରେ ଟଳି ପଡ଼ିଲେ । ଆହତ ଲୋକମାନଙ୍କୁ ମଧ୍ୟ ପ୍ରାଥମିକ ଚିକିତ୍ସା ଦିଆଗଲା ନାହିଁ । ସମଗ୍ର ପଞ୍ଜାବକୁ ବାହାର ଦୁନିଆଠାରୁ ଅଲଗା ରଖାଗଲା ।


(ଜାଲିଆନାୱାଲାବାଗ୍)

(ଜାଲିଆନାୱାଲାବାଗ୍ ସ୍ମୃତିସ୍ତମ୍ଭର ଚିତ୍ର)


ଗାନ୍ଧିଜୀଙ୍କୁ ମଧ୍ୟ ସେ ସ୍ଥାନକୁ ଯିବାକୁ ସୁଯୋଗ ଦିଆଗଲା ନାହିଁ । କ୍ରମେ ଏହି ଖବର ଧୀରେ ଧୀରେ ଭାରତରେ ବ୍ୟାପିଗଲା । ଭାରତବାସୀଙ୍କ ମନରେ ଇଂରେଜ ସରକାରଙ୍କ ପ୍ରତି ଘୃଣାଭାବ ଭରିଗଲା ।

ସେହି ସମୟରେ ପଞ୍ଜାବରେ ଜଣେ ସ୍ୱାଧୀନଚେତା ଯୁବକ ଥିଲେ । ତାଙ୍କର ନାମ ଉଦାମ ସିଂ । ସେ କଳେ ବଳେ କୌଶଳେ ଜେନେରାଲ ଡାୟରଙ୍କୁ ଶାସ୍ତି ଦେବା ପାଇଁ ଶପଥ ନେଲେ । ଶେଷରେ ଇଂଲଣ୍ଡରେ ଗୁଳି କରି ଜେନେରାଲ ଡାୟର୍‌ଙ୍କୁ ହତ୍ୟା କଲେ ।

ଇଂରେଜ ସରକାରଙ୍କ ଦମନମୂଳକ ନୀତି ଓ ଆଇନ ବିରୋଧରେ ଭାରତୀୟମାନେ ଆନ୍ଦୋଳନ କଲେ । ମହାତ୍ମା ଗାନ୍ଧି ଏହି ଆନ୍ଦୋଳନର ନେତୃତ୍ୱ ନେଲେ । ଏହି ଆନ୍ଦୋଳନ ୧ ୯ ୨ ୦ ମସିହାରେ ଆରମ୍ଭ କରାଗଲା । ଏହା ଅସହଯୋଗ ଆନ୍ଦୋଳନ ନାମରେ ପରିଚିତ । ଅହିଂସା ଓ ଶାନ୍ତିପୂର୍ଣ୍ଣଭାବେ ବ୍ରିଟିଶ୍ ସରକାରଙ୍କ ସହିତ ଅସହଯୋଗ କରିବାକୁ ମହାତ୍ମା ଗାନ୍ଧି ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ହିଂସା ପଥ ଅନୁସରଣ କଲେ ସ୍ୱାଧୀନତା ଆନ୍ଦୋଳନ ବାଧା ପ୍ରାପ୍ତ ହେବ ବୋଲି ଗାନ୍ଧିଜୀଙ୍କ ଆଶଙ୍କା ଥିଲା ।



(ପଣ୍ଡିତ ଗୋପବନ୍ଧୁ ଦାଶ)

ଇଂରେଜ ସରକାର ବିରୋଧରେ ଗାନ୍ଧିଜୀଙ୍କ ଆହ୍ୱାନ ଦେଶ ସାରା ପ୍ରଭାବ ପକାଇଲା । ଛାତ୍ର ଛାତ୍ରୀମାନେ ସ୍କୁଲ କଲେଜକୁ ପଢ଼ିବାକୁ ଗଲେ ନାହିଁ । ସେମାନେ ନିଜ ସାଧ୍ୟମତେ ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇଲେ । ସରକାରୀ କର୍ମଚାରୀମାନେ ଚାକିରି ଛାଡ଼ିଦେଲେ । ଓକିଲମାନେ ଆଇନ ବ୍ୟବସାୟ ଛାଡ଼ି ଏହି ଆନ୍ଦୋଳନରେ ଯୋଗ ଦେଲେ । କେତେକ ସ୍ୱାଧୀନଚେତା ବ୍ୟକ୍ତି ସେମାନଙ୍କ ଉଚ୍ଚପଦ, ପଦବୀ ଓ ପଦକ ଆଦି ତ୍ୟାଗ କଲେ । ଲୋକେ ବିଲାତି ଲୁଗା ପିନ୍ଧିଲେ ନାହିଁ । ଚାରିଆଡ଼େ ଇଂରେଜ ଶାସନ ବିରୋଧରେ ଆନ୍ଦୋଳନ କଲେ । ପରିଶେଷରେ ଏହି ଆନ୍ଦୋଳନ ଗଣ ଆନ୍ଦୋଳନରେ ପରିଣତ ହେଲା ।

ଆମ ରାଜ୍ୟ ଓଡ଼ିଶାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାର ଚୌରୀଚୌରାଠାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଅହିଂସା ନୀତିରେ ଚାଲିଥିବାବେଳେ ଆନ୍ଦୋଳନକାରୀମାନେ ସେଠାରେ ଥିବା ଗୋଟିଏ ଥାନା ପୋଡ଼ିଦେଲେ । ଏହା ଫଳରେ ଥାନାରେ ଥିବା ସିପାହୀ ଜୀବନ୍ତ ପୋଡ଼ିହୋଇ ମଲେ । ଆଉ କେତେକ ପୁଲିସକର୍ମଚାରୀଙ୍କୁ ମଧ୍ୟ ଅତ୍ୟାଚାରିତ ହୋଇଥିବା ଲୋକେ ନିର୍ଦ୍ଦୟଭାବେ ହତ୍ୟା କଲେ ।

ଏପରି ପରିସ୍ଥିତି ଗାନ୍ଧିଜୀଙ୍କ ମନରେ ଦୁଃଖ ଦେଲା । ସେ ଦେଖିଲେ ହିଂସା ମାର୍ଗରେ ଅସହଯୋଗ ଚାଲିଲେ ବିଭ୍ରାଟ ଦେଖାଦେବ । ସହଜରେ ସ୍ୱାଧୀନତା ସଂଗ୍ରାମ ଆଗେଇବ ନାହିଁ । ତେଣୁ ସେ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେଲେ । ଏହି ଅବସରରେ ସରକାର ଗାନ୍ଧିଜୀଙ୍କୁ ଗିରଫ କଲେ । କିନ୍ତୁ ଦୁଇବର୍ଷ ପରେ ତାଙ୍କୁ ମୁକ୍ତ କରାଗଲା । ତାଙ୍କ ନେତୃତ୍ୱରେ ଦେଶର ବହୁ ଗଠନମୂଳକ କାର୍ଯ୍ୟମାନ କରାଗଲା । ଲୋକେ ଅରଟରେ ସୂତା କାଟି ଲୁଗା ବୁଣିଲେ, ଖଦଡ଼ ଲୁଗା ପିନ୍ଧିଲେ ଓ ବିଦେଶୀବସ୍ତ୍ର ବର୍ଜନ କଲେ ।

ଆମ ଦେଶର ଲୋକେ ସମୁଦ୍ରରୁ ଲୁଣ ମାରି ପାରିବେ ନାହିଁ ବୋଲି ଇଂରେଜ ସରକାର ଆଇନ କଲେ । ଏହି ଆଇନ ଗାନ୍ଧିଜୀ ଓ ଆମ ଦେଶର ଲୋକମାନଙ୍କର ସ୍ୱାଭିମାନ ଉପରେ ବିଶେଷ ଆଞ୍ଚ ଆଣିଲା । ସମସ୍ତେ ଏହି ଆଇନକୁ ବିରୋଧ କଲେ । ୧ ୯୩୦ ମସିହା ମାର୍ଚ୍ଚ ମାସ ୧ ୨ ତାରିଖରେ ଗାନ୍ଧିଜୀ ସତ୍ୟଗ୍ରହୀମାନଙ୍କୁ ସାଥିରେ ନେଇ ଗୁଜରାଟର ଦାଣ୍ଡି ନାମକ ସ୍ଥାନକୁ ଲୁଣ


ଗାନ୍ଧିଙ୍କ ଦାଣ୍ଡିଯାତ୍ରା

ମାରିବାକୁ ଗଲେ। ଏହା ଇତିହାସ ପୃଷ୍ଠାରେ ଗାନ୍ଧିଜୀଙ୍କ ''ଦାଣ୍ଡିଯାତ୍ରା'' ନାମରେ ପରିଚିତ। ସେହିବର୍ଷ ଏପ୍ରିଲମାସ ୬ ତାରିଖରେ ଭାରତର ବିଭିନ୍ନ ଅଞ୍ଚଳରେ ଲବଣ ଆଇନ ଭାଙ୍ଗି ଲୁଣ ମରାଗଲା।

ଆମ ରାଜ୍ୟର ସତ୍ୟାଗ୍ରହୀମାନେ ମଧ୍ୟ ଇଞ୍ଚୁଡ଼ି, ଅସ୍ତରଙ୍ଗ, ଗୋପ, ହୁମା, ଇରମ ଆଦି ସ୍ଥାନରେ ସମବେତ ହୋଇ ଲୁଣ ମାରିଲେ । ଏହାର ନେତୃତ୍ୱ ନେଇଥିଲେ ନବକୃଷ୍ଣ ଚୌଧୁରୀ, ରମାଦେବୀ, ମାଳତୀ ଦେବୀ ଓ ଅନ୍ୟାନ୍ୟ ବହୁ ନେତୃସ୍ଥାନୀୟ ବ୍ୟକ୍ତି।


(ଜବାହରଲାଲ ନେହରୁ)

ଭାରତର ସ୍ୱାଧୀନତା ସଂଗ୍ରାମରେ ବହୁ ଯୁବକ ଓ ନେତୃସ୍ଥାନୀୟ ଲୋକ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଜବାହରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ଲାଲା ଲଜପତ ରାୟ, ବାଲଗଙ୍ଗାଧର ତିଲକ, ବିପିନ ଚନ୍ଦ୍ର ପାଲ, ଲକ୍ଷ୍ମଣ ନାୟକ, ରଘୁ ଦିବାକର, ମୌଲାନା ଅବୁଲ କଲାମ ଆଜାଦ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଉପରେ ସୁଭାଷ ବୋଷଙ୍କ ଭରସା ନଥିଲା । ତେଣୁ ସେ ଭାରତ ଛାଡ଼ି ଜାପାନ ପଳାଇଗଲେ । ସେଠାରେ ଯୁଦ୍ଧବନ୍ଦୀ ଥିବା ଭାରତୀୟ ସୈନିକଙ୍କୁ ଏକାଠି କଲେ । ସେମାନଙ୍କୁ ନେଇ "ଆଜାଦହିନ୍ଦ ଫୌଜ" ନାମକ ଏକ ସେନାବାହିନୀ ଗଢ଼ିଲେ । ସୈନ୍ୟମାନଙ୍କୁ "ଦିଲ୍ଲୀ ଚଲୋ" ସ୍ଲୋଗାନ ଦେଇ ଉଦ୍‌ବୁଦ୍ଧ କଲେ । ସୈନ୍ୟମାନେ ତାଙ୍କ ଡାକରାରେ ଭାରତର ରାଜଧାନୀ ଦିଲ୍ଲୀ ଅଧିକାର କରିବା ନିମନ୍ତେ ଆଗେଇ ଆସିଲେ । ଚାହୁଁ ଚାହୁଁ ଜନ୍ମ ମାଟିର କେତେକ ଅଂଶ ମଧ୍ୟ ଅଧିକାର କରିନେଲେ । ସେ ସବୁବେଳେ କହୁଥିଲେ, "ମୋତେ ରକ୍ତ ଦିଅ,ମୁଁ ତୁମକୁ ସ୍ୱାଧୀନତା ଦେବି ।"


(ସୁଭାଷ ଚନ୍ଦ୍ର ବୋଷ)

ଆଜି ସ୍ୱାଧୀନ ଭାରତର ଇତିହାସରେ ନିଜର ତ୍ୟାଗପୂତ ଜୀବନ, କର୍ମନିଷ୍ଠା ଓ ଆଜାଦ୍‌ହିନ୍ଦ୍ ଫୌଜର ପ୍ରତିଷ୍ଠାତା ରୂପେ ସଂଗ୍ରାମୀ ସୁଭାଷଚନ୍ଦ୍ର ବୋଷ ସ୍ମରଣୀୟ ହୋଇ ରହିଛନ୍ତି।

## ଭାରତଛାଡ଼ ଆନ୍ଦୋଳନ

ମହାତ୍ମା ଗାନ୍ଧି ଓ କଂଗ୍ରେସର ଟାଣୁଆ ନେତାମାନେ ଲକ୍ଷ୍ୟ କଲେ ଯେ କେବଳ ବିଭିନ୍ନ ପ୍ରକାରର ଆଇନ ଅମାନ୍ୟ ଆନ୍ଦୋଳନ କଲେ ସହଜରେ ଭାରତର ସ୍ୱାଧୀନତା ହାସଲ ହେବନାହିଁ । ସେଥିପାଇଁ ଭାରତ ଛାଡ଼ି ଚାଲିଯିବା ପାଇଁ ଇଂରେଜ ସରକାରଙ୍କୁ ଆହ୍ୱାନ ଦେବା ପାଇଁ କେହି କେହି ସ୍ୱାଧୀନତା ସଂଗ୍ରାମୀ ପ୍ରସ୍ତାବ ଦେଲେ ।

୧ ୯ ୪ ୨ ମସିହାରେ ଓ୍ୱାର୍ଦ୍ଧାଠାରେ କଂଗ୍ରେସର କାର୍ଯ୍ୟକାରୀ କମିଟିର ଏକ ବୈଠକ ହେଲା। ''ଭଲରେ ଭଲରେ ଇଂରେଜ ସରକାର ଶୀଘ୍ର ଭାରତ ଛାଡ଼ି ଚାଲିଯାଆନ୍ତୁ।'' ଏହି କମିଟିରେ ଏପରି ଏକ ପ୍ରସ୍ତାବ ଆସିଲା

ଅଧିକାଂଶ ସଭ୍ୟଙ୍କ ଦ୍ୱାରା ଏହି ପ୍ରସ୍ତାବ ଅନୁମୋଦିତ ହେଲା । ଇଂରେଜ ସରକାର ଏହି ପ୍ରସ୍ତାବରେ ଅରାଜି ହେଲେ ସମଗ୍ର ଭାରତବର୍ଷରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ପ୍ରସ୍ତାବଟି ଗୃହୀତ ହେବାର ପର ଦିନ ମହାତ୍ମା ଗାନ୍ଧିଙ୍କୁ ବନ୍ଦୀ କରାଗଲା । ତାଙ୍କ ସହିତ ମୌଲାନା ଅବୁଲ କଲାମ ଆଜାଦ୍, ଆଚାର୍ଯ୍ୟ କୃପାଳିନୀ, ଆସଫ୍ ଅଲ୍ଲୀ ପ୍ରଭୃତି ତୁଙ୍ଗ ନେତାମାନଙ୍କୁ ଗିରଫ କରାଗଲା । ଚାହୁଁ ଚାହୁଁ ବିଦ୍ୟୁତ୍ ବେଗରେ ଏହି ଖବର ଭାରତର ଚାରିଆଡ଼େ ପ୍ରଚାରିତ ହୋଇଗଲା ।

"ଇଂରେଜ ଶାସକ, ଭାରତ ଛାଡ଼" ଧ୍ୱନିରେ ଭାରତର ଆକାଶ ପ୍ରକମ୍ପିତ ହେଲା । ସ୍ୱାଧୀନତା ସଂଗ୍ରାମୀମାନେ ସରକାରୀ କାର୍ଯ୍ୟାଳୟ , ଡାକଘର, ରେଳଷ୍ଟେସନ ଆଦି ପୋଡ଼ି ପକାଇଲେ । ଇଂରେଜ ସରକାର ତାଙ୍କର ଚିରାଚରିତ ଦମନଲୀଳା କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ବହୁ ସ୍ୱାଧୀନତା ସଂଗ୍ରାମୀ ଲାଠି ମାଡ଼ ଖାଇଲେ । ଗିରଫ ହେଲେ, ତଥାପି ସଂଗ୍ରାମ ପଥରୁ ଓହରିଲେ ନାହିଁ ।

ସରକାରଙ୍କର ଏହିସବୁ ଦମନମୂଳକ କଥା ସମ୍ପର୍କରେ ଗାନ୍ଧିଜୀ ଖବର ପାଇଲେ । ୧୯୪୩ ମସିହା ଫେବୃଆରୀ ମାସ ୧୦ ତାରିଖ ଦିନ ସେ ଜେଲରେ ଅନଶନ କଲେ । ପରିସ୍ଥିତି ଅଧିକ ଖରାପ ଆଡ଼କୁ ଯାଉଥିବା ଜାଣି ଇଂରେଜ ସରକାର ମହାତ୍ମା ଗାନ୍ଧିଙ୍କୁ ଜେଲରୁ ଖଲାସ କଲେ । ମହାତ୍ମା ଗାନ୍ଧି ୧୯୪୪ ମସିହାରେ ଜେଲରୁ ଖଲାସ ହେଲେ । ଇଂରେଜ ସରକାରଙ୍କ ଧାରଣା ହେଲା ଯେ ଏଣିକି ଆଉ ଧମକ ଦେଇ ସାମରିକ ଶକ୍ତି ବଳରେ ଭାରତକୁ ଶାସନ କରିହେବ ନାହିଁ ।

ଇତି ମଧ୍ୟରେ ୧୯୪୫ ମସିହାରେ ଶ୍ରମିକ ଦଳର ନେତା ଆଟ୍‌ଲି ବିଲାତର ପ୍ରଧାନମନ୍ତ୍ରୀ ହେଲେ । ସେ ଭାରତୀୟମାନଙ୍କୁ ଭଲ ପାଉଥିଲେ । ସେମାନଙ୍କ ଦାବି ପ୍ରତି ମଧ୍ୟ ତାଙ୍କର ସମ୍ମାନ ଥିଲା । ୧୯୪୭ ମସିହାରେ ବିଲାତର ପାର୍ଲାମେଣ୍ଟରେ ଭାରତ ସ୍ୱାଧୀନତା ଆଇନ ଅନୁମୋଦିତ ହେଲା । ଏହି ଆଇନ ବଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନତା ଲାଭ କଲା । ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ପୃଥିବୀବାସୀଙ୍କ ଆଗରେ ପରିଚିତ ହେଲୁ । ଏସବୁ ଆମ ଭାରତର ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନତାପ୍ରେମୀ ଜନସାଧାରଣଙ୍କ ଯୋଗୁ ସମ୍ଭବପର ହୋଇଥିଲା । ବହୁ କଷ୍ଟରେ ବହୁତ ଜନଜୀବନ ନଷ୍ଟ ହେଲା ପରେ ଆମ ଦେଶର ଶାସନଭାର ଆମେ ଫେରି ପାଇଲୁ । ଆମେ ସ୍ୱାଧୀନ ଭାବରେ ନିଜେ ନିଜକୁ ଶାସନ କରିପାରୁଛୁ । ସ୍ୱାଧୀନତା ହେଉଛି ଆମର ଏକ ଅମୂଲ୍ୟ ସମ୍ପଦ । କୌଣସି ସମୟରେ ବା କୌଣସି ପରିସ୍ଥିତିରେ ଏହି କଷ୍ଟଲବ୍ଧ ସ୍ୱାଧୀନତାକୁ ଆମେ ହାତଛଡ଼ା କରିବା ଉଚିତ ନୁହେଁ । ଏଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର ଏକ ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ ।

## ଆମେ କ'ଣ ଶିଖିଲେ :

- କେତେକ ଇଂରେଜ ବଣିକ ୧୬୦୦ ମସିହାରେ ଇଷ୍ଟ୍ ଇଣ୍ଡିଆ ନାମକ ଏକ କମ୍ପାନୀ ପ୍ରତିଷ୍ଠା କରିଥଲେ । ସେମାନେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ଅନୁମତିକ୍ରମେ ଭାରତରେ ବାଣିଜ୍ୟ ବ୍ୟବସାୟ ଆରମ୍ଭ କରିଥିଲେ ।
- ଆମ ଦେଶର କେତେକ ଶାସକ ଓ ଲୋକଙ୍କ ଏକତା ଅଭାବରୁ ଇଂରେଜମାନେ ଭାରତର ଅନେକ ରାଜ୍ୟ ନିଜ ଅଧୀନକୁ ନେଲେ ।

- କ୍ରମଶଃ ସେମାନେ ଆମ ଦେଶର ଧନ ରତ୍ନ ନିଜ ଦେଶକୁ ନେଲେ ଓ ଆମ ଦେଶର ଲୋକଙ୍କ ଉପରେ ଅତି ନିର୍ଦ୍ଦୟ ଭାବେ ଅତ୍ୟାଚାର କଲେ ।
- ସେମାନଙ୍କ ଅତ୍ୟାଚାର ବିରୋଧରେ ୧୮୫୭ ମସିହାରେ ସିପାହୀମାନେ ଏକ ବିଦ୍ରୋହ କରିଥିଲେ । ଏହି ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକମାନେ କହନ୍ତି ।
- ୧୯୧୯ ମସିହାରେ ପଞ୍ଜାବର ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଜେନେରାଲ ଡାୟରଙ୍କ ଦ୍ୱାରା ଘଟିଥିଲା।
- ୧୯୨୦ ମସିହାରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ, ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ କରାଯାଇଥିଲା ।
- ଭାରତରେ ଅଧିକ କାଳ ଶାସନ କରିବା କଷ୍ଟକର ହେବ ଜାଣି ବିଲାତର ପ୍ରଧାନମନ୍ତ୍ରୀ ଅଟ୍‌ଲୀ ଭାରତୀୟମାନଙ୍କୁ ସ୍ୱାଧୀନତା ଦେବା ପାଇଁ ନିଷ୍ପତ୍ତି ନେଇଥିଲେ ।
- ଆମ ଦେଶ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ସ୍ୱାଧୀନତା ଲାଭ କଲା ।
- ଆମ ସ୍ୱାଧୀନତା, ଆମ ଦେଶର ଜନସାଧାରଣ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅତୁଳନୀୟ ଦାନ ।
- ସ୍ୱାଧୀନତା ସଂଗ୍ରାମର ପଥ ପ୍ରଦର୍ଶକ ମହାତ୍ମା ଗାନ୍ଧିଙ୍କୁ ଆମେ ଜାତିର ପିତା ରୂପେ ସମ୍ମାନ ଦେଉ ।

## ଅଭ୍ୟାସ

**୧. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) କେତେକ ଇଂରେଜ ବଣିକ............ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା କରିଥିଲେ ।
(୧୬୦୦, ୧୬୦୫,୧୬୧୦)

(ଖ) ସିପାହୀ ବିଦ୍ରୋହ............ମସିହାରେ ହୋଇଥିଲା ।
(୧୮୩୭, ୧୮୫୭, ୧୮୮୭)

(ଗ) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ............ ମସିହାରେ ଘଟିଥିଲା ।
(୧୯୧୭, ୧୯୧୮, ୧୯୧୯)

(ଘ) ଇଂରେଜ ସରକାରଙ୍କ ଦମନମୂଳକ ଆଇନ୍ ବିରୋଧରେ ଅସହଯୋଗ ଆନ୍ଦୋଳନ ............ ମସିହାରେ ଆରମ୍ଭ କରାଯାଇଥିଲା ।
(୧୯୨୦, ୧୯୩୦, ୧୯୪୦)

(ଚ) ଭାରତଛାଡ଼ ଆନ୍ଦୋଳନ ............ ମସିହାରେ ୱାର୍ଦ୍ଧାଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଅନୁମୋଦିତ ହୋଇଥିଲା ।
(୧୯୪୧, ୧୯୪୨, ୧୯୪୩)

୨. ତଳେ କେତେ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଦିଆଯାଇଛି । ସେମାନେ କେଉଁ ସ୍ଥାନର ତାହା କୋଠରିରେ ଲେଖ ।

| **ସ୍ୱାଧୀନତା ସଂଗ୍ରାମୀଙ୍କ ନାମ** | **ସେମାନେ ଯେଉଁ ସ୍ଥାନର ତା'ର ନାମ** |
|---|---|
| ଉଦ୍ଧାମ ସିଂ | |
| ବୀର ସୁରେନ୍ଦ୍ର ସାଏ | |
| ସୁଭାଷ ଚନ୍ଦ୍ର ବୋଷ | |
| ଉତ୍କଳମଣି ଗୋପବନ୍ଧୁ ଦାଶ | |

**୩. 'କ' ସ୍ତମ୍ଭରେ ଥିବା ଘଟଣାବଳୀ ସହିତ 'ଖ' ସ୍ତମ୍ଭରେ ଥିବା ଯେଉଁ ମସିହା ସହ ସଂପର୍କ ଅଛି, ତାହା ଗାର ଟାଣି ଯୋଡ଼ ।**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ସିପାହୀ ବିଦ୍ରୋହ | ୧୯୧୯ ମସିହା, ଏପ୍ରିଲ ୧୩ |
| ଜାଲିଆନାୱାଲାବାଗ୍ | ୧୯୩୦ ମସିହା |
| ଦାଣ୍ଡିଯାତ୍ରା | ୧୯୪୭ ମସିହା |
| ଲବଣ ସତ୍ୟାଗ୍ରହ | ୧୯୪୪ ମସିହା |
| | ୧୮୫୭ ମସିହା |

**୪. (କ) ଲବଣ ଆଇନ ଅମାନ୍ୟ ଆନ୍ଦୋଳନ ସମ୍ପର୍କରେ ପାଞ୍ଚଟି ଧାଡ଼ି ଲେଖ ।**

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

(ଖ) ଇଂରେଜ ଶାସନ ବିରୋଧରେ ଭାରତୀୟମାନେ କାହିଁକି ସଂଗ୍ରାମ କରିଥିଲେ ? ପାଞ୍ଚଟି ଧାଡ଼ିରେ ଲେଖ ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

(ଗ) ସିପାହୀ ବିଦ୍ରୋହ ସମୟରେ ଆମ ଓଡ଼ିଶାର ନେତୃତ୍ୱ କେଉଁ ସ୍ୱାଧୀନତା ସଂଗ୍ରାମୀମାନେ ନେଇଥିଲେ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

(ଘ) "ମୋତେ ରକ୍ତ ଦିଅ , ମୁଁ ତୁମକୁ ସ୍ୱାଧୀନତା ଦେବି", ଏ କଥା କିଏ କହିଥିଲେ ?

---------------------------------------------------------------------------

୫. ଅସହଯୋଗ ଆନ୍ଦୋଳନ ସମ୍ପର୍କରେ ପାଞ୍ଚଟି ବାକ୍ୟ ଲେଖ ।

୧. -----------------------------------------------------------------------

୨. -----------------------------------------------------------------------

୩. -----------------------------------------------------------------------

୪. -----------------------------------------------------------------------

୫. -----------------------------------------------------------------------